


# ପାଠପଢ଼ା ସହ ଜମୁଛି ମସ୍ତି

ସମ୍ବଲପୁର,୨୦।୨(ଇମିସ): ବହୁ ବାଦବିବାଦ ପରେ ୨୦୧୫ ସେପ୍ଟେମ୍ବର ୨୩ ତାରିଖରେ ଆଇଆଇଏମ୍ ସମ୍ବଲପୁରରେ ପାଠପଢ଼ା ଆରମ୍ଭ ହୋଇଥିଲା। ପ୍ରଥମ ବ୍ୟାଚ୍‌ରେ ବିଭିନ୍ନ ରାଜ୍ୟରୁ ୪୯ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଥିଲେ। ପ୍ରାୟ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଥିଲା ସମ୍ବଲପୁର ମାଟିରେ ପ୍ରଥମ ଅନୁଭୂତି। ପ୍ରଥମେ ଆଇଆଇଏମ୍ ଇନ୍ଦୋରର ୪/୫ଜଣ ଅଧ୍ୟାପକ ଆସି ଏଠାରେ ଶିକ୍ଷାଦାନ କରୁଥିଲେ। ଶାସନ ନିକଟସ୍ଥ ସିଲିକନ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅସ୍ଥାୟୀ ଭାବେ ଚାଲୁଥିବା ଆଇଆଇଏମ୍ ସମ୍ବଲପୁର ଇତିମଧ୍ୟରେ ଦେଢ଼ବର୍ଷ ଅତିକ୍ରମ କରିଛି। ଦ୍ୱିତୀୟ ବ୍ୟାଚ୍‌ର ଆଡ୍‌ମିସନ୍ ସହ ପାଠପଢ଼ା ବି ଆରମ୍ଭ ହୋଇଛି। ଦିନ ଗଡ଼ିବା ସାଂଗକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ସବୁ ଆଶାଆଶଂକା ଦୂର ହୋଇଛି। ସମ୍ବଲପୁରରେ ଆଇଆଇଏମ୍ ପ୍ରତିଷ୍ଠା ହେବା ପୂର୍ବରୁ ମାନଦଣ୍ଡଜନିତ ନାନାଦି ବାଦବିବାଦ ସୃଷ୍ଟି ହୋଇଥିଲା। ସମ୍ବଲପୁର ପାଖରେ କୌଣସି ନିୟମିତ ବିମାନ ବନ୍ଦର ନଥିବାରୁ ଏଠାରେ ଆଇଆଇଏମ୍ ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି କିଛି ବିପକ୍ଷ ଗୋଷ୍ଠୀ ଯୁକ୍ତି କରିଥିଲେ। ୨୦୧୫ ଡିସେମ୍ବର ମାସରେ ସମ୍ବଲପୁର ଉପକଣ୍ଠସ୍ଥ ଜମାଦାରପାଲି ବିମାନ ବନ୍ଦରରୁ ବିମାନ ସେବା ଆରମ୍ଭ ହୋଇଥିଲା। ଆଇଆଇଏମ୍ ସମ୍ବଲପୁରର ଅଧ୍ୟାପକ ଓ ଛାତ୍ରଛାତ୍ରୀ ବିମାନ ଯୋଗେ ଭୁବନେଶ୍ୱର ଏବଂ ସେଠାରୁ ନିଜ ଘରକୁ ଯାଉଥିଲେ। ହେଲେ ବିମାନ ସେବା ବେଶୀ ଦିନ ତିଷ୍ଠି ପାରିନଥିଲା। ଏୟାର ଓଡ଼ିଶା ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଗୁଡ଼ାଏ ମତଭେଦ ଯୋଗୁଁ ବିମାନ ସେବା ଠପ୍ ହୋଇଯାଇଛି। କିନ୍ତୁ ଏହା ଆଇଆଇଏମ୍ ସମ୍ବଲପୁରର ପ୍ରଶାସନିକ କିମ୍ବା ପାଠପଢ଼ାରେ କିଛି ପ୍ରଭାବ ପକାଇ ନାହିଁ। ବରଂ ସମ୍ବଲପୁର ସହିତ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ନିବିଡ଼ତା ବଢ଼ି ଯାଇଛି। ଖୋଦ୍ ସେମାନେ ନିଜ ମୁହଁରୁ ସମ୍ବଲପୁରକୁ ସେମାନଙ୍କ ଦ୍ୱିତୀୟ ମାତୃଭୂମି ବୋଲି ବିବେଚନା କରୁଛନ୍ତି। ପାଠପଢ଼ା ସହ ମଜାମସ୍ତିରେ ଛାତ୍ରଛାତ୍ରୀ ଦିନ କାଟୁଛନ୍ତି। ଆଇଆଇଏମ୍ ସମ୍ବଲପୁର ସମସ୍ତଙ୍କ ପାଇଁ ଏକ ନୂଆ ଅଭିଜ୍ଞତା ଆଣି ଦେଇଛି।

## 'ମର୍ମାଙ୍କ'ରେ ସଫଳତାର ମନ୍ତ୍ର




ସମ୍ବଲପୁର,୨୦।୨(ଇମିସ): ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ସୋମବାର ଦିନ ହୋଟେଲ ନିକିଠାରେ ବିଭିନ୍ନ ପ୍ରତିଷ୍ଠିତ କମ୍ପାନିର ମାନବ ସମ୍ବଳ ବିଭାଗ ଅଧିକାରୀଙ୍କ ସମ୍ମିଳନୀ 'ମର୍ମାଙ୍କ-୨୦୧୭' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇଟି ପର୍ଯ୍ୟାୟରେ ଲିଂଗଗତ ବିଷମତା ଏବଂ ମାନବ ସମ୍ବଳ କାର୍ଯ୍ୟରେ ଉପୁଜୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସୋଫ୍‌ଟୁରା କମ୍ପାନିର ଏଚ୍‌ଆର୍ ନିର୍ଦ୍ଦେଶିକା ଅପର୍ଣ୍ଣା ଶର୍ମା, ପ୍ରିୟଦର୍ଶିନୀ ଭରତ, ରିଲାଏନ୍ସ ବ୍ରୋଡ୍ କାଷ୍ଟିଂର ହରିକୃଷ୍ଣ ସାବରିଆ ଏବଂ ସିରିଲ୍ ଏସ୍' ଥୋମାସ୍ ଆଲୋଚକ ଭାବେ ଯୋଗ ଦେଇ ସମାଜ ଏବଂ କମ୍ପାନିରେ ଲିଂଗଗତ ବିଷମତାର ମୂଳୋତ୍ପାଟନ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ 'ମାନବ ସମ୍ବଳ ବିଭାଗର ଭବିଷ୍ୟତ' ଉପରେ ମେରିଅଟ୍ ଇଣ୍ଟରନେସନାଲ୍‌ର ଜନ ଭେଂକଟ ରାମକ୍ରିଷ୍ଣା, ଏନ୍‌ଓସିଏଲ୍ କମ୍ପାନିର ଏଚ୍‌ଆର୍ ପ୍ରବନ୍ଧକ କେଓ୍ୱାଇ ରବି କୁମାର, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ରାକେଶ ପ୍ରତାପ ସିଂହ ପ୍ରମୁଖ ଆଲୋଚନା କରିଥିଲେ। ବିବେକ ଜି ନାୟାର ମଂଚ ସଂଯୋଜନା କରିଥିଲେ।

## 'ଦ ବେଷ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଏଭର୍'



**ପ୍ରିତମ ପଟେଲ (ପ୍ରଥମବର୍ଷ):** ଏଠାକାର ଶିକ୍ଷାଦାନ ବ୍ୟବସ୍ଥା ଚମତ୍କାର। ଆଇଆଇଏମ୍ ଇନ୍ଦୋର ଢାଞ୍ଚାରେ ଶିକ୍ଷାଦାନ ଚାଲିଛି। କ୍ୟାମ୍ପସରେ କିଛି ଅସୁବିଧା ନାହିଁ। ଭିତ୍ତିଭୂମିରେ ଆମେ ସନ୍ତୁଷ୍ଟ। ବରିଷ୍ଠ ମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଟିପସ ନେଉଛୁ।



**ରାହୁଲ ପାଣ୍ଡେ (ଦ୍ୱିତୀୟ ବର୍ଷ):** ପାଠ ପଢ଼ା ସହ ଖେଳକୁଦ ପ୍ରତି ଧ୍ୟାନ ଦେଉଛୁ। ମନ ଓ ଶରୀର ସୁସ୍ଥ ରଖିବା ପାଇଁ ବିଭିନ୍ନ ଇନ୍‌ଡୋର୍ ଗେମ୍ ଖେଳୁଛୁ। ଅନ୍ୟ ଆଇଆଇଏମ୍‌ଠାରୁ ସମ୍ବଲପୁରର କ୍ୟାମ୍ପସ ବେଶ୍ ଉନ୍ନତ। ୱାଇଫାଇ ନେଇ ଥିବା ସମସ୍ୟା ଦୂର ହୋଇଛି।



**ନବଜ୍ୟୋତି ରାଜ୍ (ଦ୍ୱିତୀୟ ବର୍ଷ):** ଆଇଆଇଏମ୍‌ରେ ପାଠ ପଢ଼ିବା ଅର୍ଥ କେବଳ ଭଲ ସଂସ୍ଥାରେ ଚାକିରି କରିବା ନୁହଁ। ଏଠାରେ ବ୍ୟକ୍ତିତ୍ୱ ବିକାଶ ଏବଂ ପ୍ରଶାସନିକ ଦକ୍ଷତାକୁ ପ୍ରାଧାନ୍ୟ ଦିଆଯାଉଛି। ଆମୋଦପ୍ରମୋଦ ପାଇଁ ବେଳେବେଳେ ପାର୍ଟି କରୁଛୁ।



**ପ୍ରୀତି ଇଗ୍‌ନାଟିଅସ୍ (ପ୍ରଥମ ବର୍ଷ):** ମୁଁ କେରଳର ଝିଅ। ସମ୍ବଲପୁରରେ ପାଠ ପଢ଼ିବା ନେଇ ପ୍ରଥମେ ଶଂକା ଥିଲା। କଣ ଖାଇବି, କିଭଳି ରହିବି ମନରେ ନାନାଦି ପ୍ରଶ୍ନ ଉଙ୍କି ମାରୁଥିଲା। ଏବେ ସବୁ ଆଶଂକା ଦୂର ହୋଇଛି। ଏଠାକାର କକ୍ଷ ଏବଂ ଲାଇବ୍ରେରୀ ବିଶ୍ୱସ୍ତରର। ଭିତ୍ତିଭୂମି ନେଇ କିଛି ଅସୁବିଧା ନାହିଁ।

## ଇନ୍‌ଡୋର୍ ଗେମ୍‌ର ମଜା

ଆଇଆଇଏମ୍ ଛାତ୍ରଛାତ୍ରୀଙ୍କ ପାଇଁ ୨୪ଘଣ୍ଟା କ୍ଲାସ୍‌ରୁମ୍ ଉପଲବ୍ଧ ରହିଛି। ଜରୁରୀ ସ୍ଥିତିରେ ବିଳମ୍ବିତ ରାତି ଯାଏ ମଧ୍ୟ କ୍ଲାସ ଚାଲୁଛି। ରାତିରେ ଭିଡିଓ କନ୍‌ଫରେନ୍ସ କ୍ଲାସ ଚାଲୁଛି। ତେଣୁ କମ୍ପ୍ୟୁଟର୍ ଲାବ୍, ଲାଇବ୍ରେରିକୁ ଦିନ ସାରା ପ୍ରସ୍ତୁତ ରଖାଯାଉଛି। ଅତିଥି ଅଧ୍ୟାପକ ଉପଲବ୍ଧ ରହିଲେ ଯେକୌଣସି ମୁହୂର୍ତ୍ତରେ ସ୍ୱତନ୍ତ୍ର କ୍ଲାସ ପାଇଁ ଛାତ୍ରଛାତ୍ରୀଙ୍କୁ ଡକାଯାଉଛି। ଏଭଳି ସ୍ଥିତିରେ ସାଧାରଣ ପୋଷାକପତ୍ର ପିନ୍ଧି ମଧ୍ୟ କ୍ଲାସ୍ କରୁଛନ୍ତି। ମାନସିକ ଅବସାଦରୁ ମୁକ୍ତି ପାଇଁ ବିଭିନ୍ନ କ୍ରୀଡ଼ା ଆୟୋଜନ ହେଉଛି। ବିଶେଷକରି ଟେବୁଲ୍ ଟେନିସ୍, ବ୍ୟାଡମିଣ୍ଟନ ଭଳି ଇନ୍‌ଡୋର୍ ଗେମ୍ ଖେଳି ଛାତ୍ରଛାତ୍ରୀ ମନ ହାଲ୍‌କା କରୁଛନ୍ତି।

## ସିନିଅର୍-ଜୁନିଅର୍ ଏକାଠି

୨୦୧୬ରୁ ୨୦୧୮ ଶିକ୍ଷାବର୍ଷ ପାଇଁ ଆଇଆଇଏମ୍‌ରେ ପାଠପଢ଼ା ଆରମ୍ଭ ହୋଇଛି। ଏଥି ସହିତ ପ୍ରଥମ ବ୍ୟାଚ୍‌କୁ ନିଜର କନିଷ୍ଠ ମିଳିଯାଇଛନ୍ତି। ସିନିଅର୍-ଜୁନିଅର୍ ଏବେ ଏକାଠି। କନିଷ୍ଠଙ୍କ ପାଇଁ ବରିଷ୍ଠମାନେ ପଥପ୍ରଦର୍ଶକ ସାଜିଛନ୍ତି। ସମ୍ବଲପୁରରେ ଦେଢ଼ ବର୍ଷର ରହଣିର ଅଭିଜ୍ଞତା ସେମାନେ କନିଷ୍ଠଙ୍କ ସହ ବାଣ୍ଟୁଛନ୍ତି। ଫଳରେ ନବାଗତମାନେ ଏଠାକାର ପରିବେଶ, ସଂସ୍କୃତି, ଖାଦ୍ୟପେୟ, ଚାଲି ଚଳନ ଉପରେ ଯଥେଷ୍ଟ ଧାରଣା ପାଇ ସାରିଛନ୍ତି। ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମକୁ ବରିଷ୍ଠ ଏବଂ କନିଷ୍ଠମାନେ ମିଶି ଆୟୋଜନ କରୁଛନ୍ତି। ସପ୍ତାହରେ ଦିନେ ସଭିଏଁ ମିଶି ଗୋଟିଏ ପ୍ରକୋଷ୍ଠରେ ପାଠ ପଢ଼ୁଛନ୍ତି। ବରିଷ୍ଠ ଏବଂ କନିଷ୍ଠଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଆୟୋଜନ ହେଉଛି। ଏଠାରେ ର୍‍ୟାଗିଂ କିମ୍ବା କୌଣସି ଭେଦଭାବର ଚିହ୍ନବର୍ଣ୍ଣ ନାହିଁ।

## ଦକ୍ଷ ଶିକ୍ଷକ, ଶାନ୍ତ ପରିବେଶ

ସମ୍ବଲପୁର ସମେତ ନୂଆ ଖୋଲିଥିବା ୬ଟି ଆଇଆଇଏମ୍‌ରେ ଅଧ୍ୟାପକ ସଂକଟ ଦେଖା ଦେଇଛି ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଆଇଆଇଏମ୍ ସମ୍ବଲପୁରର ମେଣ୍ଟର ଅନୁଷ୍ଠାନ ଆଇଆଇଏମ୍ ଇନ୍ଦୋର ଏହା ସମସ୍ୟାକୁ ସଫଳତାର ସହ ଏଡ଼ାଇ ଦେଇଥିଲା। ଆଇଆଇଏମ୍ ଇନ୍ଦୋରର ବଛାବଛା ଦକ୍ଷ ଅଧ୍ୟାପକ ଏଠାରେ କ୍ରମାଗତ ଭାବେ ଶିକ୍ଷାଦାନ କରି ଆସୁଛନ୍ତି। ବର୍ତ୍ତମାନ ୧୯ଜଣ ଅଧ୍ୟାପକ ଏଠାରେ ଶିକ୍ଷାଦାନ କରୁଛନ୍ତି। ଆଇଆଇଏମ୍ ଜାମସେଦପୁର, ଆଇଆଇଏମ୍ ରାୟପୁର ଏବଂ ହାଇଦ୍ରାବାଦର ପ୍ରତିଷ୍ଠିତ ଓ୍ୱେକସନ୍ ଅନୁଷ୍ଠାନରୁ ଏଠାକୁ ଅତିଥି ଅଧ୍ୟାପକ ଆସୁଛନ୍ତି। ଆଜି ଯାଏ ଅଧ୍ୟାପକଙ୍କ ଅନୁପସ୍ଥିତି ଯୋଗୁଁ କୌଣସି କ୍ଲାସ୍ ସସ୍‌ପେଣ୍ଡ ହୋଇନଥିବା ଛାତ୍ରଛାତ୍ରୀ ଗର୍ବର ସହ କୁହନ୍ତି।